**ରାଜ୍ୟ ସିଲେକସନ ବୋର୍ଡ, ଓଡିଶା ପୋଲିସ,କଟକ ।**

**ନବମ ଇଣ୍ଡିଆ ରିଜର୍ଭ (ସ୍ୱତନ୍ତ୍ର) ବାଟାଲିୟନରେ କନେଷ୍ଟବଳ ପଦବୀ ନିମନ୍ତେ**

# ଲିଖିତ ପରୀକ୍ଷା ପାଇଁ ସୂଚନା ।

----

ଶାରିରୀକ ମାପ ଓ ଶାରିରୀକ ଦକ୍ଷତା ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିବା ସମସ୍ତ ବର୍ଗର ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ୯ମ ଇଣ୍ଡିଆ ରିଜର୍ଭ(ସ୍ୱତନ୍ତ୍ର)ବାଟାଲିୟନରେ କନେଷ୍ଟବଳ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ତା ୯.୪.୨୦୧୭ରିଖ(ରବିବାର)ରେ ଅନୁଷ୍ଠିତ ହେବ।

୧. ଉକ୍ତ ଲିଖିତ ପରୀକ୍ଷା ଦୁଇ ଗୋଟି ସ୍ଥାନରେ ହେବାକୁ ସ୍ଥିରୀକୃତ ହୋଇଅଛି। ଯଥା କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ (କିଟ୍) ୟୁନିଭରସିଟି,ଭୁବନେଶ୍ୱର (Kalinga Institute of Industrial Training (KIIT), University, Bhubaneswar) ଏବଂ ବାରବାଟି ଷ୍ଟାଡିୟମ,କଟକରେ ତା ୯.୪.୨୦୧୭ରିଖ ସକାଳ ୧୦.୦୦ ଘଟିକାରୁ ୧୦.୩୫ ମିନିଟ୍ ମଧ୍ୟରେ ଅନୁଷ୍ଠିତ ହେବ।

୨. ପ୍ରାର୍ଥୀମାନଙ୍କୁ ନିବେଦନ କରାଯାଉଅଛି ଯେ ସେମାନେ ନିଜ ନିଜର ପରୀକ୍ଷା କେନ୍ଦ୍ରରେ ସକାଳ ୭.୦୦ଘଟିକାରୁ ୮.୦୦ ଘଟିକା ମଧ୍ୟରେ ପ୍ରବେଶ କରିବା ଆବଶ୍ୟକ ଅଟେ। ସକାଳ ୮.୦୦ ଘଟିକାପରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ।

୩. ଟ୍ରାଫିକ୍ ଜାମ ଏବଂ ଭିଡକୁ ଆଖି ଆଗରେ ରଖି ସମସ୍ତ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିବେଦନ କରାଯାଉଅଛି ଯେ ସେମାନେ ପରୀକ୍ଷା ସମୟର ବହୁ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ। ପରୀକ୍ଷା କେନ୍ଦ୍ରର ଅବସ୍ଥିତି ଜାଣିବା ପାଇଁ ପ୍ରାର୍ଥୀ ଲିଖିତ ପରୀକ୍ଷା ଦିନ ପୂର୍ବରୁ ସେମାନେ ନିଜ ନିଜର ପରୀକ୍ଷା କେନ୍ଦ୍ରକୁ ଆସି ଦେଖି ଯାଇପାରିବେ।

୪. କୌଣସି ପ୍ରାର୍ଥୀ ଯଦି ଲିଖିତ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହନ୍ତି ଅଥବା ନିର୍ଦ୍ଦିଷ୍ଟ ସମୟ ପରେ ପହଞ୍ଚନ୍ତି ତେବେ ସେଥିପାଇଁ ରାଜ୍ୟ ସିଲେକସନ ବୋର୍ଡ ଦାୟୀ ରହିବେ ନାହିଁ। ଲିଖିତ ପରୀକ୍ଷାରେ ପ୍ରାର୍ଥୀମାନଙ୍କର ବସିବା ପ୍ରଣାଳୀ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରର ମୁଖ୍ୟ ଫାଟକ ପାଖରେ ଫ୍ଲେକ୍ସ ବୋର୍ଡ ମାଧ୍ୟମରେ ଅବଗତ କରାଯିବ ଏବଂ ଏହା ମଧ୍ୟ ୱେବ ସାଇଟ୍‌ରେ ଜଣାଇ ଦିଆଯିବ।

୫. ଯଦି କୌଣସି ପରୀକ୍ଷା କେନ୍ଦ୍ରର ସ୍ଥାନ ପାଇବାରେ ପ୍ରାର୍ଥୀଙ୍କର ଅସୁବିଧା ହୁଏ ତେବେ ସେମାନେ ଗୁଗୁଲ ମ୍ୟାପ/ଜିପିଏସ୍ କିମ୍ବା ୱେବ ସାଇଟ୍ **https//lokaseba-odisha.in** ର ସାହାର୍ଯ୍ୟ ନେଇ ପାରିବେ। ଲିଖିତ ପରୀକ୍ଷା କେନ୍ଦ୍ରର ଦୁଇ ଦିନ ପୂର୍ବରୁ ବାଦାମବାଡି ବସ୍ ଷ୍ଟାଣ୍ଡ,କଟକ ରେଲୱେ ଷ୍ଟେସନ ଏବଂ ଭୁବନେଶ୍ୱରରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ରେଲୱେ ଷ୍ଟେସନରେ ପ୍ରାର୍ଥୀମାନଙ୍କର ପରୀକ୍ଷା କେନ୍ଦ୍ରର ସ୍ଥାନ ନିରୂପଣ ନିମନ୍ତେ ହେଲେପ୍ ଡେସ୍କ ସ୍ଥାପନ କରାଯାଇଅଛି। ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ମଧ୍ୟ ହେଲପ୍ ଡେସ୍କର ବ୍ୟବସ୍ଥା ରହିବ।

୬. ପୂର୍ବରୁ ଓଡିଆ/ ଇଂରାଜୀ ସମ୍ବାଦ ପତ୍ର ମାଧ୍ୟମରେ ତା ୧୫.୩.୨୦୧୭ରିଖରେ ଦର୍ଶାଯାଇଥିବା ଲିଖିତ ପରୀକ୍ଷାର ନିର୍ଦ୍ଦେଶାବଳୀ ଅପରିବର୍ତ୍ତୀତ ରହିବ।

୭. ସମସ୍ତ ବର୍ଗର ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ଅନବରତ ଭାବେ ନିଜ ନିଜର ଇ-ମେଲ, ଏସ୍.ଏମ.ଏସ୍. ଏବଂ ୱେବ ସାଇଟ୍ **https//lokaseba-odisha.in** ଯାଞ୍ଚ କରୁଥିବେ। ଲିଖିତ ପରୀକ୍ଷା ଦେବା ପାଇଁ ପ୍ରାର୍ଥୀ ନିଜ ନିଜର ଲଗ୍-ଇନ୍- ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ଇ-ପାସ ଉପରୋକ୍ତ ୱେବ ସାଇଟ୍‌ରୁ ଡାଉନ୍ ଲୋଡ କରିବେ। ଯଦି କୌଣସି ପ୍ରାର୍ଥୀ ଇ-ପାସ ଡାଉନ ଲୋଡ କରିବାରେ ଅସମର୍ଥ ଅଥବା ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେମାନେ ରାଜ୍ୟ ସିଲେକସନ ବୋର୍ଡର ହେଲପ୍ ଡେସ୍କ ନଂ ୦୬୭୪-୬୫୮୦୧୧୧, ୦୬୭୪-୬୫୮୦୨୨୨ ଏବଂ ୦୬୭୧-୨୩୦୨୪୪୪ ରେ ତା ୦୧.୦୪.୨୦୧୭ ରିଖ ମଧ୍ୟରେ ଯୋଗାଯୋଗ କରିପାରିବେ।

***